The Odisha Gazette

EXTRAORDINARY

PUBLISHED BY AUTHORITY

No. 4591 CUTTACK, SATURDAY, OCTOBER 25, 2025/KARTIKA 3, 1947

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା

The 22nd September 2025

S.R.O. No. 1362/2025—ରାଜ୍ୟ ସରକାର, ପ୍ରଭାବିତ କ୍ଷେତ୍ର ଜିଲ୍ଲାପାଳ ବୌଦ୍ଧଙ୍କ ଅନୁରୋଧକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥିନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜ୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ -୨୦୧୩ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ ।

୧. ପ୍ରକଳ୍ପ ବିକାଶକାରୀଙ୍କ ନାମ:- ଉପମୁଖ୍ୟ ଯନ୍ତ୍ରୀ ନିର୍ମାଣ ପୂର୍ବତଟ ରେଳପଥ ବୌଦ୍ଧ ।

୨. ପ୍ରସ୍ତାବିତ ଭୂମି ଅଧିଗ୍ରହଣର ଉଦ୍ଦେଶ୍ୟ:- ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

୩. SIA ସର୍ବେକ୍ଷଣ ଅନୁଷ୍ଠାନ:- **M/s RAC Bhubaneswar** an empanelled agency under Nabakrushna Choudhary Centre for Development Studies, Bhubaneswar.

୪. SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୂଚନା:-Nabakrushna Choudhary Centre for Development Studies, Bhubaneswar, Phone No.0674 2300471, 2301094.

୫. ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ /ତଫସିଲ

କ୍ର.ନଂ	ତହସିଲ	ଗ୍ରାମ	ବେସରକାରୀ ଜମି	ସରକାରୀ ଜମି	ମନ୍ତବ୍ୟ
୧	ହରଭଙ୍ଗ।	ପିପଳକଟା(ଅତିରିକ୍ତ)	ଏ.୧.୦୧	-	-
	ମୋଟ		ଏ.୧.୦୧		

ଏଥିସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି ।

(କ) ପ୍ରସ୍ତାବିତ ପ୍ରକଳ୍ପର ସଂକ୍ଷିପ୍ତ ବିବରଣୀ:-ବୌଦ୍ଧ ଜିଲ୍ଲା ହରଭଙ୍ଗ। ତହସିଲ ଅନ୍ତର୍ଗତ ୦୧ଗୋଟି ମୌଜା ଯଥା ପିପଳକଟା(ଅତିରିକ୍ତ)ଠାରେ ମୋଟ ଏ.୧.୦୧ ଘରୋଇ ଜମିରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ, ଉପମୁଖ୍ୟ ଯନ୍ତ୍ରୀ ନିର୍ମାଣ ପୂର୍ବତଟ ରେଳପଥ ବୌଦ୍ଧ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

(ଖ) SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ :- ବୌଦ୍ଧ ଜିଲ୍ଲାରେ ଉପରୋକ୍ତ ୦୧ଗୋଟି ମୌଜାରେ ଏ.୧.୦୧ ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳିପାରିବ ।

(ଗ) ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ? ଯଦି ଏହିଅଧିଗ୍ରହଣ ଘରୋଇ କମ୍ପାନୀଙ୍କ ପାଇଁ ହେଉଥାଏ ତେବେ ୮୦ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ଏବଂ ଯଦି ସରକାରୀ ବେସରକାରୀ ଭାଗିଦାରୀ ପ୍ରକଳ୍ପ ନିମନ୍ତେ ଏହି ଅଧିଗ୍ରହଣ ହେଉଥାଏ ତେବେ ୭୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ।

(ଘ) SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ :- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ । SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୁଡାନ୍ତ ରିପୋର୍ଟରେ ସ୍ଥାନିତ ହେବ । ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ପ୍ରକ୍ରିୟା ନିମନ୍ତେ ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ ୨୦୧୬ର ନିୟମ-୧୪ ଦ୍ରଷ୍ଟବ୍ୟ ।

(ଙ) SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୩୦ ଦିନ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ । SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବସାଇଟରେ ସୂଚିତ ହେବ ।

ଜମିର ତାଲିକା						
ପ୍ରସ୍ତାବିତ ଖୋର୍ଦ୍ଧା ରୋଡ – ବଲାଙ୍ଗୀର ନୂତନ ରେଳପଥ ପ୍ରକଳ୍ପ						
ଗ୍ରାମ – ପିପଳଜଟା (ଅତିରିକ୍ତ), ତହସିଲ – ହରଭଙ୍ଗା, ଥାନା- ବୌଦ୍ଧ (ନଂ ୩୩୪) ଜିଲ୍ଲା- ବୌଦ୍ଧ						
ଏ. ବ୍ୟକ୍ତିଗତ ଜମି						
କ୍ରମିକ ନଂ	୧	୨	୩	୪	୫	୪
	ଖତିୟାନ ନଂ	**ପ୍ଲଟ ନଂ**	**ରକବା**	**ଅଧିଗ୍ରହଣ ରକବା**	**କିସମ**	**ଅଭିଲିଖିତ ରୟତ ନାମ**
୧	୧୧୯/୫୯	୪୧୩/୫୩୫	୦.୪୦୦	୦.୩୦୦	ଚକ	ଅଭିଷେକ ଅଗ୍ରୱାଲା, ପି-ରତନଲାଲ ଅଗ୍ରୱାଲା, ଜା-ମାର୍ବାଡି, ବା-ପ୍ଲଟ ନଂ-୩୦୪, ରାଧାବଲ୍ଲଭ ଲେନ, ରାଧାବଲ୍ଲଭ ମନ୍ଦିର ପାଖ, ଭୁବନେଶ୍ୱର, ପୋଷ୍ଟ/ଥାନା-ଖୋର୍ଦ୍ଧାଟାଉନ, ଜିଲ୍ଲା-ଖୋର୍ଦ୍ଧା
୨	୧୧୯/୬୦	୪୧୯/୫୩୬	୦.୧୬୦	୦.୧୬୦	ଚକ	ଅଭିଷେକ ଅଗ୍ରୱାଲା, ପି-ରତନଲାଲ ଅଗ୍ରୱାଲା, ଜା-ମାର୍ବାଡି, ବା-ପ୍ଲଟ ନଂ-୩୦୪, ରାଧାବଲ୍ଲଭ ଲେନ, ରାଧାବଲ୍ଲଭ ମନ୍ଦିରପାଖ, ଭୁବନେଶ୍ୱର, ପୋଷ୍ଟ/ଥାନା-ଖୋର୍ଦ୍ଧାଟାଉନ, ଜିଲ୍ଲା-ଖୋର୍ଦ୍ଧା
୩	୬୮	୪୧୮	୧.୨୩୦	୦.୫୫୦	ଚକ	ବେଡି ବେହେରା, ସ୍ୱା-ନରହରି ବେହେରା, ଜା-ଧୋବା, ବା-ରାଧାନଗର
		ମୋଟ ଏ	**୧.୭୯୦**	**୧.୦୧୦**		

[No. 36315—RDM-LAB-BOUDH-0003-2025-R&DM]

ରାଜ୍ୟପାଳଙ୍କ ଆଦେଶାନୁସାରେ

ମଧୁସ୍ମିତା ସାହୁ

ଅତିରିକ୍ତ ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 3801—173+25